# Akashvani, Sambalpur

## SAMBALPURI NEWS BULLETIN

### 12 August 2024- 6.47- 6.52 am.

**************************************************

ପେରିସ୍ ଅଲମ୍ପିକ୍-ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

୧୮ ଦିନ୍ ଧରିକରି ଚାଲିଥିବା ପେରିସ୍ ଅଲମ୍ପିକ୍ସ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଇଥି ୨ ଶହ ୫ ଟା ଦେଶର୍ ପ୍ରତିଯୋଗୀମାନ୍‌କର୍‌ନୁ ଅଏତ୍‌କା ପଦକ୍ ପାଇକରି ଯୁକ୍ତରାଷ୍ଟ୍ର ଆମେରିକା ପଦକ୍ ତାଲିକାଥି ୨ ନମ୍ବର୍ ଥର୍ ଲାଗି ଶ୍ରେଷ୍ଠ ଠାନ୍ ହାସଲ୍ କରିଛେ । ଇଥି ଭାରତ୍‌କେ ଗୁଟେ ରୂପା ଆର୍ ୫ ଟା ବ୍ରୋଞ୍ଜ୍ ପଦକ୍ ମିଳିଛେ । ଅଲମ୍ପିକ୍ସର ଆଏବା ୩୪ ନମ୍ବର୍ ସଂସ୍କରଣ୍ ଲସ୍‌ଏଞ୍ଜଲସ୍ ଠାନେ ହେବା ।

ସେଆଡ଼େ ପେରିସ୍ ଅଲମ୍ପିକ୍ସ ନ ଭାରତୀୟ ଦଳର୍ ଖେଲାଲୀମାନ୍‌କର୍ ଉଦ୍ୟମ୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ । ସବୁ କ୍ରୀଡ଼ାବିତ୍‌ମାନେ ନିଜର୍ ନିଜର୍ ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ୍ କରିଥିବାର୍‌ନୁ ସବୁ ଭାରତୀୟଙ୍କୁ ଗୌରବାନ୍ୱିତ କରିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ସିଏମ୍‌ଓ

ଭୁବନେଶ୍ୱର୍ ୫ ନମ୍ବର୍ ୟୁନିଟ୍‌ଥି ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠଥି ଆଏଜ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ରାଜ୍ୟ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଇ ସୂଚ୍‌ନା ଦିଆଯାଇଛେ ।

ଏସ୍.ପି.ଙ୍କୁ ସତର୍କତା ଆର୍‌ଏନ୍‌ୟୁ / ସମ୍ବଲପୁର

ବାଂଲାଦେଶୀ ସନ୍ଦେହଥି ଲୋକ୍‌ମାନ୍‌କୁ ଗାଲିଗୁଲଜ୍ ଆଉ ମାଡ଼ ମାର୍‌ବାର୍ ଘଟ୍‌ନାକେ ରୁକ୍‌ବାର୍ ଲାଗି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ କୁମାର୍ ଷଡ଼ଙ୍ଗୀ ନିର୍ଦ୍ଦେଶ୍ ଦେଇଛନ୍ । ଏନ୍ତା ଘଟ୍‌ନା ମାନ୍‌କର୍ ଉପ୍‌ରେ ନଜର୍ ରଖିବାର୍ ଲାଗି ସେ ସବୁ ଜିଲ୍ଲାର୍ ଏସ୍.ପି.ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଲୋକ୍‌ମାନ୍‌କର୍ ଭିତ୍‌ରେ ଉତେଜନା ସୃଷ୍ଟି ଲାଗି ବାଂଲାଦେଶ୍‌ର ଭିଡ଼ିଓ ମାନ୍‌କୁ ଭାଇରାଲ୍ କରାଯିବାର୍ ଉପ୍‌ରେ ତଦନ୍ତ୍ କର୍‌ବାର୍‌କେ

କ୍ରାଇମ୍‌ବ୍ରାଂଚ୍‌ର ସାଇବର୍ ୟୁନିଟ୍‌କେ କୁହାଯାଇଛେ ବଲି ସେ କହିଛନ୍ ।

ଡିଏମ୍‌ଏଫ୍ ପାଣ୍ଠି ତଦନ୍ତ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଜିଲ୍ଲା ଖଣିଜ ଫାଉଣ୍ଡେସନ୍- ଡିଏମ୍‌ଏଫ୍ ପାଣ୍ଠିର ଅପବ୍ୟବହାର୍‌ର ଅଭିଯୋଗ୍ ବାବ୍‌ଦେ ତଦନ୍ତ୍ ମୁଲ୍ ହେଇଛେ ବଲି ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଗଣମାଧ୍ୟମ୍‌କେ କହିଛନ୍ । ଦୁର୍ନୀତି ଉପ୍‌ରେ ରାଜ୍ୟ ସର୍‌କାର୍ ଶୂନ୍ୟ ସହନଶୀଳତା ନୀତି ନେଇକରି କାମ୍ କରୁଛନ୍ । ଡିଏମ୍‌ଏଫ୍ ସହେତେ ସବୁ ପ୍ରକାରର୍ ଆର୍ଥିକ୍ ଅନିୟମିତତାକେ ରୋକାଯିବା । ସାର୍ବଜନୀନ ପାଣ୍ଠିର୍ ଅପବ୍ୟବହାର୍ କର୍‌ବାର୍‌କେ ନାଇଁ ଦିଆଯାଏ ବଲି ମନ୍ତ୍ରୀ କହିଛନ୍ ।

ବିଶ୍ୱ ଯୁବ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ସାରା ପୁର୍‌ଥି ନ ଆନ୍ତର୍ଜାତୀୟ ଯୁବ ଦିବସ୍ ପାଲନ୍ କରାଯାଉଛେ । ମିଲିତ୍ ଜାତିସଂଘର୍ ବିଶ୍ୱ ଯୁବ ଫୋରମ୍‌ର ଗୁଟେ ବୈଠକ୍‌ର ପ୍ରସ୍ତାବ୍ ଅନ୍‌ସାରେ ୧୯୯୧

ମସିହାନୁ ଆନ୍ତର୍ଜାତୀୟ ଯୁବ ଦିବସ୍ ପାଲନ୍ କରାଯାଉଛେ । ସର୍‌କାର୍ ଆର୍ ଆନ୍ତର୍ଜାତୀୟ ସଂଗଠନ୍‌ମାନ୍‌କେ ଯୁଆନ୍ ପିଢ଼ିକେ ସାମିଲ୍ କର୍‌ବାର୍ ଉପ୍‌ରେ ଜୋର୍ ଦେବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଆସୁଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୁସ୍ଥ ଜୀବନ୍‌ଯାପନ୍ ଲାଗି ସଚେତନ୍ ହେବାର୍‌କେ ନିବେଦନ୍ କରିଛନ୍ । ଏଚ୍‌ଆଇଭି ସହେତେ ଅଲ୍‌ଗା ସଂକ୍ରମଣ୍ ଉପ୍‌ରେ ସଚେତନତା ଆଉ ନିୟନ୍ତ୍ରଣ୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ସଚେତନତା ଅଭିଯାନ୍‌ଥି ଓଡ଼ିଶା ସାମିଲ୍ ହେଇଛେ । ଇଥିର୍‌ଲାଗି ଆଏଜ୍‌ଠାନୁ ରାଏଜେ ଗୁଟେ ସ୍ୱତନ୍ତ୍ର ଅଭିଯାନ୍ ମୁଲ୍ ହେଇଛେ ବଲି ସେ କହିଛନ୍ ।

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡାକ୍ତର୍ ମୁକେଶ୍ ମହାଲିଙ୍ଗ୍ ଯୁବ ଦିବସ୍ ଉଲ୍‌ଗୁନେ ରାଜ୍ୟ ଆଉ ଦେଶର୍ ଯୁଆନ୍ ବର୍ଗଙ୍କର୍ ସୁସ୍ଥ ସୁରକ୍ଷିତ ଆଉ ନିରାମୟ ଜୀବନ୍‌ଯାପନ୍ କାମନା କରିଛନ୍ ।

ବିଶ୍ୱ ହାତୀ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ହାତୀ ଦିବସ୍ । ୨୦୧୧ ମସିହାନୁ ଆଝିର୍ ଦିନ୍‌କେ ହାତୀ ଦିବସ୍ ଭାବେ ପାଲନ୍ କରାଯାଉଛେ ।

ହାତୀମାନ୍‌କର୍ ସୁରକ୍ଷା, ସଂରକ୍ଷଣ୍ ବାର୍ତା ନେଇକରି ଫି ବଛର୍ ହାତୀ ଦିବସ୍ ପାଲନ୍ କରାଯାଇଆସୁଛେ । ହାତୀମାନ୍‌କର୍ ଖାସ୍ ଯତନ୍ ଉପ୍‌ରେ ଇ ଅବ୍‌ସରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଜୋର୍ ଦେଇଛନ୍ ।

ଇଥର ସୋମ୍‌ବାର୍ ପଡୁଥିବାର୍‌ନୁ ଭୁବ୍‌ନେଶ୍ୱର୍ ନନ୍ଦନ୍ କାନନ୍‌ର କର୍ମଚାରୀ ଆଉ ଅଧିକାରୀ ମାନ୍‌କୁ ନେଇକରି ହାତୀ ସଫାରୀ ନ ହାତୀ ଦିବସ୍ ପାଲନ୍ କରାଯିବା । ରାଜ୍ୟର୍ ଭିନ୍ ଭିନ୍ ଜାଗାର୍ ଅସହାୟ ହାତୀ ଛୁଆମାନ୍‌କୁ ନନ୍ଦନ୍‌କାନନ୍ ରଖାଯାଇକରି ସେବାଶୁଶ୍ରୁଷା କରାଯାଉଛେ ।

ଯୋଗାଣ ବିଭାଗ୍ ଚଢ଼ଉ ପ୍ରେସ୍ ରିଲିଜ୍

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର ଭିନ୍ ଭିନ୍ ଆଲୁ ଗୁଦାମ୍ ଆର୍ ଦୁକାନ୍‌ମାନ୍‌କେ ଚଢ଼ଉ କରାଯାଇଥିଲା । ଅଏତ୍‌କା ଦାମ୍‌ଥି ଆଲୁ ବିକୁଥିବା ବ୍ୟବସାୟୀମାନ୍‌କୁ ଇ ସମିଆଥି ସଚେତନ୍ କରାଯାଇଥିଲା । ବୈଧ ମାପ ଆର୍ ଉଜନ୍ ବିଭାଗ୍ ତର୍‌ଫୁ ମିଲିତ୍ ଭାବେ ଭୁବ୍‌ନେଶ୍ୱର୍‌ର ଭିନ୍ ଭିନ୍ ବଜାର୍ ଆର୍ ଦୁକାନ୍ ମାନ୍‌କେ ଚଢ଼ଉ କରାଯାଇଥିଲା । ଯାଂଚ୍ ସମିଆଥି ଉଜନ୍ ମାପ,

ସଠିକ୍ ଅଛେ କି ନାଇଁ, ସେ ବାବ୍‌ଦେ ପରୀକ୍ଷା କରାଯାଇଥିଲା । ଲାଇସନ୍ସ ନୂଆଟି ନାଇଁ କରିଥିବାର୍ ଅଭିଯୋଗ୍‌ଥି ୯ ହଜାର୍ ୩ ଶହ ୯ ଟଙ୍କା ଜରିମାନା କରାଯାଇଥିଲା ।

ସମବାୟ କୃଷି ଋଣ -ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ଚଲ୍‌ତି ଖରିଫ୍ ଋତୁଥି ସମ୍ବଲ୍‌ପୁର୍ ଜିଲ୍ଲା ନ ଚାଷ୍ ଲାଗି ୩ ଶହ ୨୦ କୋଟି ଟଙ୍କାର୍ କୃଷି ଋଣ ଦିଆଯିବା । ଗଲାମାସର୍ ଶେଷ୍‌ତକ୍ ଚାଷୀମାନ୍‌କୁ ଭିନ୍ ଭିନ୍ ଫସଲ୍ ଲାଗି ଶହେ ୬୫ କୋଟି ୯୦ ଲାଖ୍ ଟଙ୍କା ଟଙ୍କାର ରୁଣ୍ ଦିଆଯାଇଛେ ବଲି ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ । ଗଲାବଛର୍ ଖରିଫ୍ ଋତୁଥି ଚାଷୀମାନ୍‌କୁ ସମବାୟ ଜରିଏ ୩ ଶହ କୋଟିନୁ ଅଏତ୍‌କା ଟଙ୍କାର କୃଷି ଋଣ ଦିଆଯାଇଥିଲା ।

ରକ୍ତଭଣ୍ଡାର୍- ଝାର୍‌ସୁଗୁଡ଼ା ଆର୍‌ଏନ୍‌ୟୁ /ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲାର୍ ସଦର୍ ଡାକ୍ତର୍‌ଖାନା ପାଖେ ଗଲାକାଏଲ୍ ଗୁଟେ ନୂଆଁ ରକ୍ତଭଣ୍ଡାର୍ ଉଦ୍‌ଘାଟିତ୍ ହେଇଛେ । ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଆଉ ସିଡ଼ିଏମ୍‌ଓ ଜୟକୃଷ୍ଣ ନାଏକ୍ ଇ

କାର୍ଯ୍ୟକ୍ରମ୍ଥି ଉପସ୍ଥିତ୍ ଥିଲେ । ଆଗ୍‌କେ ଜିଲ୍ଲା ନ ରକ୍ତସଂଗ୍ରହର୍ ଲାଗି ଗୁଟେ ଭେନ୍ ନିୟମିତ୍ ଭାବେ ନିୟୋଜିତ କରିକରି ରୋଗୀମାନ୍‌କର୍ ଲାଗି ଦର୍‌କାର୍ ହେଉଥିବା ରକ୍ତ ସଂଗ୍ରହ ଉପ୍‌ରେ ବିଧାୟକ୍ ଜୋର୍ ଦେଇଛନ୍ ।

କୁଳପତି ସମ୍ମିଳନୀ        ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ନ ଜାତୀୟ ଶିକ୍ଷାନୀତି - ଏନ୍‌ଇପି -୨୦୨୦ କେ ଲାଗୁ କର୍‌ବାର୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଆଏବା କାଏଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ କରାଯିବା । ଉଚ୍ଚଶିକ୍ଷାମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍‌ଠାନେ ହେବାର୍‌କେ ଥିବା ପ୍ରସ୍ତାବିତ ବୈଠକ୍ ନ ସବୁ ସର୍‌କାରୀ ବିଶ୍ୱବିଦ୍ୟାଳୟର୍ କୁଳପତି, ପି.ଜି. କାଉନ୍‌ସିଲର୍, ପରୀକ୍ଷା ନିୟନ୍ତ୍ରକ ଆଉ ସ୍ୱୟଂଶାସିତ କଲେଜ୍ ଅଧ୍ୟକ୍ଷମାନେ ସାମିଲ୍ ହେବେ । ଏନ୍‌ଇପି ଥି ଥିବାର୍ ସୁବିଧା ଆଉ ଇତାକେ ରାଏଜେ ଲାଗୁ କର୍‌ବାର୍ ଲାଗି ତୟାରି ବାବ୍‌ଦେ ବୈଠକ୍‌ଥି ମତ ନିଆଯିବା ।

ପାଣିପାଗ/ ହୀରାକୁଦ୍ ଜଲ୍‌ଭଣ୍ଡାର୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲପୁର୍, ବର୍ଗଡ଼୍, ଝାର୍ସୁଗୁଡ଼ା, ନୂଆପଡ଼ା ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ । ହେଲେ ଆଏବା କାଏଲ୍ନୁ ବଙ୍ଗୋପ୍ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଲୟର୍ ବଲେ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ୩ ଦିନ୍ତକ୍ ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୩ ଦଶ୍ମିକ୍ ୪/୧ ଫୁଟ୍ ରହିଛେ । ଜଲ୍ଭଣ୍ଡାର୍କେ ଫି ସେକେଣ୍ଡ୍ଥି ୧ ଲାଖ୍ ୩୮ ହଜାର୍ ୭ ଶହ ୧୦ ଘନଫୁଟ୍ ପାଏନ୍ ଆସୁଛେ । ୬ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୧ ଲାଖ୍ ୩୦ ହଜାର୍ ୬ ଶହ ୮୪ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।